# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କେନ୍ଦୁଝର

ପତ୍ର ସଂଖ୍ୟା ୧୩୩୦ / ସଂସ୍କୃତି/ ତା. ୧୦.୧୨.୨୦୨୫

ଜିଲ୍ଲା ପ୍ରଶାସନ, କେନ୍ଦୁଝର ଆନୁକୂଲ୍ୟରେ ଆସନ୍ତା ତା. ୨୬.୧୨.୨୦୨୫ ରିଖ ଠାରୁ ତା. ୩୦.୧୨.୨୦୨୫ ରିଖ ପର୍ଯ୍ୟନ୍ତ **"ଗୋନାସିକା-କେନ୍ଦୁଝର ମହୋତ୍ସବ-୨୦୨୫"** କେନ୍ଦୁଝର ଷ୍ଟାଡିୟମ, କେନ୍ଦୁଝରଠାରେ ଆୟୋଜନ କରିବା ପାଇଁ ସ୍ଥିରୀକୃତ ହୋଇଅଛି । ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା, ରାଜ୍ୟ ତଥା ଜାତୀୟ ସ୍ତରରୁ ସୁନାମଧନ୍ୟ ସାଂସ୍କୃତିକ କଳାକାର ଅଂଶ ଗ୍ରହଣ କରିବା ନିମନ୍ତେ ନିଷ୍ପତ୍ତି ଗ୍ରହଣ କରାଯାଇଛି । ବରେଣ୍ୟ ଓ ବିଶିଷ୍ଟ ଅତିଥି ମଧ୍ୟ ସାଧାରଣ ସଭାରେ ଉପସ୍ଥିତ ରହିବା ପାଇଁ ସଦୟ ସ୍ୱୀକୃତି ପ୍ରଦାନ କରିବା ସହ ଜନ ସାଧାରଣଙ୍କୁ ସମ୍ବୋଧନ କରିବାର କାର୍ଯ୍ୟକ୍ରମ ଅଛି । ଏଣୁ, ଉକ୍ତ କାର୍ଯ୍ୟକ୍ରମକୁ ସୂଚାରୁ ରୂପେ ଉପସ୍ଥାପନା ନିମନ୍ତେ ଅଭିଜ୍ଞ ଉପସ୍ଥାପକ / ଉପସ୍ଥାପିକାଙ୍କ ଆବଶ୍ୟକତା ହେଉଅଛି । ଏଣୁ, ନିମ୍ନ ଯୋଗ୍ୟତା ସମ୍ପନ୍ନ ଇଚ୍ଛୁକ ଯୁବକ / ଯୁବତୀ ତା.୧୫.୧୨.୨୦୨୫ ରିଖ ପୂର୍ବାହ୍ନ ଘ. ୧୧.୦୦ ଟିକାରେ ଦରବାର ହଲ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କେନ୍ଦୁଝରଠାରେ ଅଡିସନ ନିମନ୍ତେ ଉପସ୍ଥିତ ରହିବା ପାଇଁ ବିଶେଷ ଅନୁରୋଧ କରାଗଲା ।

**ଉପସ୍ଥାପକ / ଉପସ୍ଥାପିକା ଚୟନ ନିମନ୍ତେ ସର୍ତ୍ତାବଳୀ :-**

୧. ଆବେଦନକାରୀ କେନ୍ଦୁଝରର ବାସିନ୍ଦା ହୋଇଥିବେ ।
୨. ଆବେଦନକାରୀଙ୍କ ବୟସ ୨୦-୪୫ ବର୍ଷ ମଧ୍ୟରେ ହୋଇଥିବ ।
୩. ଆବେଦନକାରୀ ପ୍ରାଞ୍ଜଳ ଭାବେ ଓଡିଆ ଭାଷା କହି ପାରୁଥିବେ ।
୪. ଆବେଦନକାରୀ ଶାରୀରିକ ଓ ମାନସିକ ଭାବେ ସୁସ୍ଥ ହୋଇଥିବେ ।
୫. ଆବେଦନକାରୀଙ୍କୁ ଅଡିସନ ଦ୍ୱାରା ଚୟନ କରାଯିବ ଓ ଚୟନ କମିଟିର ନିଷ୍ପତ୍ତି ଚୂଡ଼ାନ୍ତ ନିଷ୍ପତ୍ତି ଅଟେ ।
୬. ଚୟନୀତ **ଉପସ୍ଥାପକ / ଉପସ୍ଥାପିକାଙ୍କୁ** କମିଟି ଦ୍ୱାରା ଧାର୍ଯ୍ୟ ପାରିଶ୍ରମିକ ପ୍ରଦାନ କରାଯିବ ।
୭. ଅଡିସନରେ ଚୟନ ହୋଇଥିଲେ ମଧ୍ୟ କାର୍ଯ୍ୟକ୍ରମରେ ସ୍ଥାନିତ କରିବା ପାଇଁ କମିଟି ବାଧ୍ୟ ନୁହେଁ ।
୮. ଅଡିସନ ପୂର୍ବରୁ ଇଚ୍ଛୁକ ପ୍ରାର୍ଥୀ ସମସ୍ତ ସର୍ତ୍ତାବଳୀ ଅନୁପାଳନ ନିମନ୍ତେ ଏକ ଘୋଷଣା ପତ୍ରରେ ସ୍ୱାକ୍ଷର କରିବେ ।
୯. ବିଶୃଙ୍ଖଳିତ ଆଚରଣ ଆଦୌ ଗ୍ରହଣ କରାଯିବ ନାହିଁ ।
୧୦. ଆବେଦନକାରୀ ନିଜର ଆଧାର କାର୍ଡ ସହିତ ଅଡିସନରେ ଉପସ୍ଥିତ ରହିବେ ।
୧୧. ବିନା କୌଣସି କାରଣ ନ ଦର୍ଶାଇ ଏହି ବିଜ୍ଞାପନ ରଦ୍ଦ କରାଯାଇପାରିବ ।

ଜିଲ୍ଲା ସଂସ୍କୃତି ଅଧିକାରୀ, କେନ୍ଦୁଝର

**ଜ୍ଞାପକ ସଂଖ୍ୟା** ୧୩୩୧ **/ସଂସ୍କୃତି/ ତା.** ୧୦.୧୨.୨୦୨୫

ଏହାର ଏକକିତା ଅବିକଳ ନକଲ ଜିଲ୍ଲା ୱେବ ପୋର୍ଟାଲରେ ଅପଲୋଡ ନିମନ୍ତେ ଜିଲ୍ଲା ଇ-ଶାସନ ପରିଚାଳକ (DeGM), କେନ୍ଦୁଝରଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକକିତା ଅବିକଳ ନକଲ ସହକାରୀ ଜିଲ୍ଲାପାଳ, ନିଜାରତ୍ ଉପ-ବିଭାଗ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କେନ୍ଦୁଝରଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ଓ ତା.୧୫.୧୨.୨୦୨୫ ରିଖ ପୂର୍ବାହ୍ନ ଘ. ୧୧.୦୦ ଟିକାରେ ଦରବାର ହଲକୁ ସଂରକ୍ଷଣ ନିମନ୍ତେ ଅନୁରୋଧ କରାଗଲା ।

ଏହାର ଏକକିତା ଅବିକଳ ନକଲ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ), କେନ୍ଦୁଝର / ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ), କେନ୍ଦୁଝର / ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, କେନ୍ଦୁଝର / ଉପ-ଜିଲ୍ଲାପାଳ, କେନ୍ଦୁଝର / ଗୋଷ୍ଠୀ ଉନ୍ନୟନ ଅଧିକାରୀ, କେନ୍ଦୁଝର / ତହସିଲଦାର, କେନ୍ଦୁଝର / କାର୍ଯ୍ୟନିର୍ବାହୀ ଅଧିକାରୀ, କେନ୍ଦୁଝରଗଡ ପୌରପାଳିକା / ଜିଲ୍ଲା ସଂସ୍କୃତି ଅଧିକାରୀ/ ସାଂସ୍କୃତିକ ସମିତିଙ୍କ ନୋଟିସ ବୋର୍ଡ କୁ ପ୍ରେରଣ କରାଗଲା ।

ଏହାର ଏକକିତା ଅବିକଳ ନକଲ ଜିଲ୍ଲାପାଳ, କେନ୍ଦୁଝରଙ୍କ ସଦୟ ଅବଗତି ନିମନ୍ତେ ଜିଲ୍ଲାପାଳଙ୍କ ବ୍ୟକ୍ତିଗତ ସହାୟକଙ୍କ ନିକଟକୁ ପ୍ରେରଣ କରାଗଲା ।

ଜିଲ୍ଲା ସଂସ୍କୃତି ଅଧିକାରୀ, କେନ୍ଦୁଝର